## ସଂକ୍ଷେପରେ

### ବଜ୍ରପାତରେ ୨୧ ଛେଳି ମୃତ



ସୁନ୍ଦରପୁର ଗାଁରେ ମୃତ ଛେଳି

**ଛତ୍ରପୁର/ ପାତ୍ରପୁର, ୨୦।୬(ଡି.ଏନ୍.ଏ.):** ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ସୋମବାର ପ୍ରବଳ ବର୍ଷା ଓ ବଜ୍ରପାତ ହୋଇଥିଲା। ବଜ୍ରପାତରେ ୨୧ ଛେଳିଙ୍କ ମୃତ୍ୟୁ ହୋଇଛି। ଛତ୍ରପୁର ବ୍ଲକ ସୁନ୍ଦରପୁର ଗାଁରେ ମୁସୁଡୁ ବିଷୋୟୀଙ୍କ ୧୬ଟି ଛେଳି ମୃତ୍ୟୁ ହୋଇଛି। ଫଳରେ ତାଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ପ୍ରତିଦିନ ଭଳି ମୁସୁଡୁ ଛେଳି ଚରାଇବାକୁ ଗାଁ ନିକଟ ପାହାଡ ତଳକୁ ଯାଇଥିଲେ। ତେବେ ହଠାତ୍ ଘଡଘଡି ସହ ବର୍ଷା ଏବଂ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ୧୨ଟି ଓ ପରେ ଅନ୍ୟ ୪ଟି ଛେଳି ମୃତ୍ୟୁ ହୋଇଥିଲା। ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କୁ ଏ ସମ୍ପର୍କରେ ଖବର ଦିଆଯାଇଛି । ମୁସୁଡୁଙ୍କୁ କ୍ଷତିପୂରଣ ଦେବାକୁ ଦାବି ହେଉଛି ।

ସେହିପରି ପାତ୍ରପୁର ବ୍ଲକ ପଦାଦିଗି ପଞ୍ଚାୟତ ଆମ୍ବଗାଁରେ ବଜ୍ରପାତରେ ୫ଟି ଛେଳି ମୃତ୍ୟୁ ହୋଇଛି। ଆମ୍ବଗାଁର ସାକିଲି କନ୍ୟାରି ଗାଁ ନିକଟସ୍ଥ ପଡ଼ିଆକୁ ତାଙ୍କ ଛେଳି ଗୋଠ ନେଇ ଚରାଇବାକୁ ଯାଇଥିଲେ। ଏହି ସମୟରେ ପ୍ରବଳ ବର୍ଷା ଓ ବଜ୍ରପାତ ହେବାରୁ ସାକିଲି ଛେଳି ଧରି ଏକ ଗଛମୂଳକୁ ଆସି ଯାଇଥିଲେ। ସେଠାରେ ବଜ୍ରପାତ ହେବାରୁ ୫ଟି ଛେଳି ମୃତ୍ୟୁ ଘଟିଥିଲା ।

### ଗଞ୍ଜାମରେ ବର୍ଷା, ଚାଷୀକୂଳ ଆଶ୍ୱସ୍ତ

**ଗଞ୍ଜାମ, ୨୦।୬(ଡି.ଏନ୍.ଏ.):** ଗଞ୍ଜାମ ବ୍ଲକ ଅଞ୍ଚଳରେ ସୋମବାର ପ୍ରବଳ ବର୍ଷା ହୋଇଛି। ଏହି ପ୍ରଥମ ମୌସୁମୀ ବର୍ଷା ଯୋଗୁ ସ୍ଥାନୀୟ ଅଞ୍ଚଳର ଚାଷୀକୂଳ ଆଶ୍ୱସ୍ତ ହୋଇଛନ୍ତି। ଦୀର୍ଘଦିନ ବର୍ଷା ହୋଇ ନ ଥିବାରୁ ଚାଷୀମାନେ ଚିନ୍ତାରେ ରହିଥିଲେ। ଗତ ତିନିଦିନ ତଳେ ପାଗ ଅନୁକୂଳ ହୋଇଥିବା ହେତୁ ସ୍ଥାନୀୟ ଅଞ୍ଚଳ ତଥା କାଇଁଚପୁର, କଲ୍ୟାଣପୁର, ଝାଡ଼କୁଦା, ସୂର୍ଯ୍ୟନାରାୟଣପୁର ଓ ପୁରୁଁତୋଳା ଆଦି ଗ୍ରାମର ଚାଷୀମାନେ ଜମିରେ ବିହନ ବୁଣିଥିଲେ। ଏହି ବର୍ଷା ଯୋଗୁ ବିହନରୁ ଗଜା ବା ତଳି ବାହାରିବା ସୁନିଶ୍ଚିତ ହୋଇଛି। ଏଣୁ ଚାଷୀ ମୁହଁରେ ହସ ଫୁଟିଥିବା ଦେଖିବାକୁ ମିଳିଛି। ଆଗକୁ ଅଧିକ ବର୍ଷା ହେଲେ ଚାଷ ଜମିରେ ପୁଣି ହଳ ଲଙ୍ଗଳ ବୁଲାଇବେ। ସେପଟେ ଧାନ ତଳି ବଡ଼ ହୋଇଯାଇଥିବ।

### ରଥଯାତ୍ରା ପ୍ରସ୍ତୁତି ବୈଠକ

**ଆସିକା, ୨୦।୬(ଡି.ଏନ୍.ଏ.):** ଆସିକା ଏନଏସିର ସୁନାମ୍ଧ ସାହିରେ ବିଜେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାର ସୁପରିଚାଳନା ନିମନ୍ତେ ସୋମବାର ସ୍ଥାନୀୟ ଏନଏସି କାର୍ଯ୍ୟାଳୟଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍ଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅଧକ୍ଷା ବିନେତା ସ୍ୱାଇଁ, ସତ୍ୟନାରାୟଣ ସ୍ୱାଇଁ, ମନ୍ଦିର ପରିଚାଳନା ଟ୍ରଷ୍ଟି ନାରାୟଣ ମୁନି, ପରିଚାଳନା କମିଟି ସଦସ୍ୟ ପ୍ରଫୁଲ୍ଲ କୁମାର ମହାପାତ୍ର, ନୀଳମାଧବ ଦାସ, ଅଶୋକ ପାଣିଗ୍ରାହୀ, କାଶୀନାଥ ବେହେରା, କାହ୍ନୁଚରଣ ପଣ୍ଡାଙ୍କ ସମେତ ଅଗ୍ନିଶମ, ବିଦ୍ୟୁତ, ସ୍ୱାସ୍ଥ୍ୟ, ପରିମଳ, ପୋଲିସ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ସୁନାମ୍ଧ ରଥଦାଣ୍ଡ ସାହିଠାରୁ ଲାଲାଗୋର୍ଜିସ୍ଥିତ ଆଡପ ମଣ୍ଡପ ଯାଏଁ ରାସ୍ତାକଡରେ ଥିବା ଗଛଡାଳ କାଟି ରଥ ଯିବା ଲାଗି ପଥ ସୁଗମ କରିବା ସହ ରାସ୍ତା ଉପରେ ଥିବା ଅବରୋଧକୁ ହଟାଇବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହାଛଡା ବିଭିନ୍ନ ବିଭାଗ ସହଯୋଗରେ ଯାତ୍ରା ଯେଭଳି ଶୃଙ୍ଖଳିତ ଓ ସୂଚାରୁ ରୂପେ ସମ୍ପନ୍ନ ହୋଇପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

# ସାମାନ୍ୟ ବର୍ଷାରେ ରାସ୍ତା ଜଳାର୍ଣ୍ଣବ

**ବ୍ରହ୍ମପୁର ଅଫିସ, ୨୦।୬**

ମୌସୁମୀ ପ୍ରଭାବରେ ବ୍ରହ୍ମପୁରରେ ସୋମବାର ମଧ୍ୟାହ୍ନରୁ ବର୍ଷା ଆରମ୍ଭ ହୋଇଛି। ଏହାପରେ ଅପରାହ୍ନରୁ ସନ୍ଧ୍ୟା ଯାଏ ଝିପି ଝିପି ବର୍ଷା ଲାଗି ରହିଥିଲା। ସୋମବାର ସାମାନ୍ୟ ବର୍ଷାରେ ସହରର ମୁଖ୍ୟ ଓ ସାହି ରାସ୍ତାରେ ନର୍ଦ୍ଦମା ପାଣି ସଂପୂର୍ଣ୍ଣ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଫଳରେ ମୁଖ୍ୟ ରାସ୍ତାରେ ସାଧାରଣ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏପରିକି ସାହି ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିବାରୁ ଦୁଇ ଚକିଆ ଯାନଠାରୁ ଆରମ୍ଭ କରି ୪ ଚକିଆ ଯାନବାହନ ଯାତାୟାତ ସମୟରେ ପାଣିରେ ବୁଡି ଯାଇଥିବା ଦେଖିବାକୁ ମିଳିଛି। ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବର୍ଷା ଜଳ ନିଷ୍କାସନ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବା ବେଳେ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ନର୍ଦ୍ଦମା ପାଣି ଲହଡି ଦେଖିବାକୁ ମିଳିଛି। ସେହିଭଳି ଗାନ୍ଧୀନଗର ୮ମରୁ ୧୦ମ ଲାଇନରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରିବାରୁ ରାସ୍ତା ଉପରେ ପାଣି ଜମି



ଧର୍ମନଗର ମୁଖ୍ୟ ରାସ୍ତାରେ ପାଣି।

ରହି ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏପରିକି ସାହି ବାସିନ୍ଦା ରାସ୍ତା ମଝିରେ ଗାଡିରୁ ଓହ୍ଲାଇ ନର୍ଦ୍ଦମା ପାଣିରେ ଚାଲି ଚାଲି ଆସିଥିଲେ। ବର୍ଷା ପାଣିରେ ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଥିବା ବିଏମ୍‌ସି ପକ୍ଷରୁ ସ୍ଥାପନ ହୋଇଥିବା ରିଭର୍ସ ଭେଣ୍ଡିଂ ମେଶିନର ଅଧା ଅଂଶ ବର୍ଷା ଜଳରେ ବୁଡି ରହିଥିଲା। ସେହିଭଳି ଧର୍ମନଗରଠାରୁ ନୀଳକଣ୍ଠନଗର ମୁଖ୍ୟ ରାସ୍ତାର ୨ ପାର୍ଶ୍ୱରେ ଦୀର୍ଘ ଦିନ ଧରି ଡ୍ରେନ୍ କାର୍ଯ୍ୟ ଅଧାପନ୍ତରିଆ ରହିଥିବାରୁ ଏଠାରେ ବର୍ଷାଜଳ ବହୁଳ ଭାବରେ ଜମି ରହୁଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ତତସହିତ କେନାଲ ସାହି ଯିବାକୁ ଥିବା ରାସ୍ତା, ଗଜପତି ନଗର, ନୀଳାଞ୍ଚଳ

### ଅଧାପନ୍ତରିଆ ଡ୍ରେନ୍ ମରାମତି ଦାବି

ନଗର, ଆସିକା ରୋଡ, ଲକ୍ଷ୍ମୀନୃସିଂହ ସାହି ସମେତ ସହରର ତଳିଆ ଅଞ୍ଚଳଗୁଡିକରେ ବର୍ଷା ଜଳ ଠିକ୍ ଭାବେ ନିଷ୍କାସନ ହୋଇ ନ ପାରିବାରୁ ସ୍ଥାନୀୟ ବାସିନ୍ଦା ହଇରାଣ ହୋଇଛନ୍ତି। ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଅସଜଡା, ଅଧାପନ୍ତରିଆ ଡ୍ରେନ୍‌ଗୁଡିକ ନିର୍ମାଣ ନ ହେବା ଓ ସଂକୀର୍ଣ୍ଣ ଡ୍ରେନ୍ କାରଣରୁ ଏଭଳି ସମସ୍ୟା ଉପୁଜୁଥିବା ସାଧାରଣରେ ଅଭିଯୋଗ ହୋଇଛି। ଏଣୁ ସାମାନ୍ୟ ବର୍ଷା ପ୍ରଭାବରେ ସହରର ଅଧିକାଂଶ ସ୍ଥାନ ଜଳପୂର୍ଣ୍ଣ ହୋଇଥିବା ବେଳେ ଆସନ୍ତା ଦିନରେ ବର୍ଷା ଲାଗି ରହିଲେ ସାହିଠାରୁ ଆରମ୍ଭ କରି ବିଭିନ୍ନ ମୁଖ୍ୟ ରାସ୍ତାରେ ଯାତାୟାତ କରିବା ବିରାଟ ସମସ୍ୟା ଉପୁଜିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏଣୁ ଏବେଠାରୁ ବିଏମ୍‌ସି ପକ୍ଷରୁ ଡ୍ରେନ୍ ମରାମତି କରାଯାଇ ବର୍ଷା ଜଳ ନିଷ୍କାସନ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## କେ.ନୂଆଗାଁ ଥାନା ଅଞ୍ଚଳରେ ଚୋରି

**ଚିକିଟି, ୨୦।୬(ଡି.ଏନ.ଏ.)**

ବ୍ରହ୍ମପୁର ପୋଲିସ ଜିଲା ଅନ୍ତର୍ଗତ କେ.ନୂଆଗାଁ ଥାନା ବିରସିଂହଲକ୍ଷ୍ମୀନାରାୟଣପୁର ଗ୍ରାମରେ ରବିବାର ମଧ୍ୟରାତିରେ ଜଣଙ୍କ ଘରେ ପଶି ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଗ୍ରାମର ବିଘ୍ନେଶ୍ୱର ପାଣିଗ୍ରାହୀଙ୍କ ପରିବାର ଶୋଇଥିବା ବେଳେ ଦୁର୍ବୃତ୍ତ ବାଡିପଟୁ କବାଟ ଭାଙ୍ଗି ଆଲମିରାରେ ରଖାଯାଇଥିବା ପ୍ରାୟ ଦେଢ଼ତୁଳା ସୁନାର ଅଳଙ୍କାର, ଆଠ ତୁଳା ରୁପାର ଅଳଙ୍କାର, ୧୦ ହଜାର ଟଙ୍କା ସମେତ ୨୫ ଖଣ୍ଡ ଲୁଗା ଚୋରି କରି ଫେରାର ହୋଇଯାଇଛନ୍ତି । ସେହିପରି ଉକ୍ତ ଗ୍ରାମର ଆପନା ପ୍ରଧାନଙ୍କ ପରିବାର ଶୋଇଥିବା ବେଳେ ଦୁର୍ବୃତ୍ତ ବାଡିପଟୁ ପ୍ରଥମ କବାଟ ଓ ଦ୍ୱିତୀୟ କବାଟ ଭାଙ୍ଗି ଚୋରି କରିବା ପାଇଁ ଉଦ୍ୟମ କରୁଥିବା ବେଳେ ହଠାତ ପରିବାରର ଜଣେ ଆସି ଦେଖିଲା ବେଳକୁ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଏ ନେଇ ସୋମବାର ପାଣିଗ୍ରାହୀଙ୍କ ପକ୍ଷରୁ କେ.ନୂଆଗାଁ ଥାନାରେ ଅଭିଯୋଗ ହେବାପରେ ପୋଲିସ୍, ସାଇଣ୍ଟିଫିକ ଟିମ ଏବଂ ସନ୍ଧାନି କୁକୁର ଆସି ତଦନ୍ତ କରି ଫେରିଛି । ଏହିଭଳି କେ.ନୂଆଗାଁ ଥାନା ଇଲାକାରେ ବହୁ ଚୋରି ଘଟଣା ଘଟିଥିଲେ ମଧ୍ୟ ଆଜି ସୁଦ୍ଧା ଗୋଟିଏ ହେଲେ ବି ଚୋରି ହୋଇଥିବା ସାମଗ୍ରୀ କିମ୍ବା ଚୋରମାନଙ୍କୁ କାବୁ କରାଯାଇନାହିଁ । ଏଣୁ ରାତ୍ର ପାଟ୍ରୋଲିଂ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ, ୨୦।୬**

### ନାବାଳିକା ବଳାତ୍କାର ମାମଲା

ଫାଷ୍ଟଟ୍ରାକ୍ ସ୍ୱତନ୍ତ୍ର ପୋକ୍‌ସୋ ଜଜ ଗୁରୁପ୍ରସାଦ ସାହୁ ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭବାରୁ ସେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ବଡଗଡ ଥାନା ଅଞ୍ଚଳର ଶଙ୍କର ପାତ୍ର(୩୧)।

ପ୍ରକାଶ ଯେ, ୨୦୧୫ ଅକ୍ଟୋବର ୩୦ରେ ଜଣେ ନାବାଳିକାଙ୍କୁ ବିବାହର ମିଥ୍ୟା ପ୍ରଲୋଭନ ଦେଖାଇ ଜଣେ ଯୁବକ ତାଙ୍କୁ ଅପହରଣ ପରେ ବଳାତ୍କାର କରିଥିଲେ। ନାବାଳିକା ଧରିଥିବା କିଛି ଟଙ୍କା ଶଙ୍କର କୌଶଳକ୍ରମେ ନେଇ ତାଙ୍କୁ ବ୍ରହ୍ମପୁର ରେଳ ଷ୍ଟେଶନ ଆଣିଥିଲେ। ପରେ ଟ୍ରେନରେ ଉଭୟେ ବସିଥିଲେ। ପୀଡ଼ିତା ଜଣକ ଆନ୍ଧ୍ରପ୍ରଦେଶ ପଲାସା ରେଳ ଷ୍ଟେଶନ ନିକଟରେ ଶଙ୍କରଙ୍କୁ ନ ପାଇ ଏନେଇ ରେଳବାଇ ପୋଲିସକୁ ଜଣାଇଥିଲେ। ପୀଡ଼ିତାଙ୍କ ପରିଚୟ ସ୍ପଷ୍ଟ କରି ପଲାସା ରେଳବାଇ ପୋଲିସ ବଡଗଡ ଥାନା ପୋଲିସ ସହ ଯୋଗାଯୋଗ କରି ନାବାଳିକାଙ୍କୁ ହସ୍ତାନ୍ତର କରିଥିଲା। ପୀଡ଼ିତାଙ୍କ ଅଭିଯୋଗ କ୍ରମେ ବଡଗଡ ପୋଲିସ ନଂ.୧୪୯/୧୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ପରେ ଅଭିଯୁକ୍ତ ଶଙ୍କର ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତତ୍କାଳୀନ ଥାନା ଏସ୍ଆଇ ଚାରୁଲତା ବେହେରା ଥାନାରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପାଇଥିଲେ। ସୋମବାର ଏହି ମାମଲାର ଶୁଣାଣି ବେଳେ ୧୧ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ଦାଖଲ କରିଥିବା ଚାର୍ଜଶିଟକୁ ଭିତ୍ତିକରି ପ୍ରମାଣ ଅଭାବରୁ ଜଜ ଉପରୋକ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ଓ ମୁଦାଲାଙ୍କ ପକ୍ଷରୁ ପ୍ରଦୀପ କୁମାର ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ଅନ୍ତର୍ଜାତୀୟ ଯୋଗଦିବସର ପୂର୍ବ ପ୍ରସ୍ତୁତି



ବ୍ରହ୍ମପୁର ପୌର ବାଳିକା ଉଚ୍ଚ ବିଦ୍ୟାଳୟ ଏନ୍‌ସିସି କ୍ୟାଡ଼େଟଙ୍କ ଦ୍ୱାରା ଯୋଗାଭ୍ୟାସ ।

**ବ୍ରହ୍ମପୁର ଅଫିସ, ୨୦।୬**

୨୦୧୪ ମସିହା ଠାରୁ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମ କ୍ରମେ ପ୍ରତିବର୍ଷ ଜୁନ ୨୧କୁ ଆନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଉଛି। ମଙ୍ଗଳବାର ସମଗ୍ର ଦେଶରେ ଯୋଗ ଦିବସ ପାଳିତ ହେବ। ରେଶମ ସହର ବ୍ରହ୍ମପୁରରେ ମଧ ଯୋଗ ଦିବସ ପାଳନର ପୂର୍ବ ପ୍ରସ୍ତୁତିକୁ ବିଭିନ୍ନ ନେଇ ବହୁ ଅନୁଷ୍ଠାନ ପକ୍ଷରୁ ଉତ୍ସାହ ଭରି ରହିଛି। ପ୍ରାୟ ୧୫ ଦିନ ପୂର୍ବରୁ ସ୍କୁଲ କଲେଜ, ବହୁ ବ୍ୟାୟମ ଓ ଶାରୀରିକ ଶିକ୍ଷା କ୍ରୀଡ଼ା ଅନୁଷ୍ଠାନ, ପତଞ୍ଜଳି, ଆରଏସ୍ଏସ୍ ସମେତ ବିଭିନ୍ନ କ୍ଲବ, ଘରୋଇ ଓ ସରକାରୀ କାର୍ଯ୍ୟାଳୟ, ସ୍କାଉଟ,ଗାଇଡ଼,ଏନ୍‌ସିସି, ଏନ୍ଏସ୍ଏସ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଯୁବ କେନ୍ଦ୍ର ଏବଂ ଏନଜିଓଗୁଡିକ ପକ୍ଷରୁ ନିୟମିତ ଭାବେ ଯୋଗ ଅଭ୍ୟାସ ଜାରି ରହିଛି।

## ଚକ୍ଷୁ ଚିକିତ୍ସା ଶିବିର

**ଆସିକା, ୨୦।୬(ଡି.ଏନ୍.ଏ.)**

ଆସିକା ଏନଏସି ପକ୍ଷରୁ ସୋମବାର ସ୍ଥାନୀୟ ବାଣୀବିହାର କଲ୍ୟାଣ ମଣ୍ଡପଠାରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା । ଶଙ୍କର ଚକ୍ଷୁ ଚିକିତ୍ସାଳୟ ସହଯୋଗରେ ଅନୁଷ୍ଠିତ ଶିବିରରେ ୪୪ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଅସ୍ତ୍ରୋପଚାର ଲାଗି ୫ଜଣଙ୍କୁ ଶଙ୍କର ଚକ୍ଷୁ ଚିକିତ୍ସାଳୟକୁ ପଠାଯାଇଛି । କାର୍ଯ୍ୟକ୍ରମରେ ଆସିକା ଏନଏସି ଅଧକ୍ଷା ବିନେତା ସ୍ୱାଇଁ, ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ସାମାଜିକ କର୍ମୀ ସତ୍ୟନାରାୟଣ ସ୍ୱାଇଁଙ୍କ ସମେତ ବହୁ କାଉନସିଲର ସାମିଲ ଥିଲେ । ଏନଏସି ପକ୍ଷରୁ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ବିଭିନ୍ନ ବିଶେଷଜ୍ଞ ଡାକ୍ତରଙ୍କ ସହୟତାରେ ଏଭଳି ସ୍ୱାସ୍ଥ୍ୟ ଶିବିର କରିବା ଲାଗି ପଦକ୍ଷେପ ନିଆଯାଇଥିବା ଅଧକ୍ଷା ସ୍ୱାଇଁ ସୂଚନା ଦେଇଛନ୍ତି ।

## ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସର ସ୍ୱାସ୍ଥ୍ୟ ପରୀକ୍ଷା



ଶିବିରରେ ଉପସ୍ଥିତ ସଂଘର କର୍ମକର୍ତ୍ତା ଓ ଅନ୍ୟମାନେ।

**ବ୍ରହ୍ମପୁର ଅଫିସ, ୨୦।୬**

ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ପକ୍ଷରୁ ସୋମବାର ବ୍ରହ୍ମପୁର ରେଳ ଷ୍ଟେଶନସ୍ଥିତ ରେଳବାଇ ଇନିଷ୍ଟିଚ୍ୟୁଟ ପରିସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର.କେ.ଡାଇବେଟିସ୍ ଆଣ୍ଡ ଏଣ୍ଡୋକ୍ରାଇନ୍ ସହଯୋଗ କରିଥିଲେ। ଶିବିରରେ ବ୍ରହ୍ମପୁର ଏମ୍‌କେସିଜିର ଥାଇରଏଡ ଓ ମଧୁମେହ ବିଶେଷଜ୍ଞ ତଥା ଆସୋସିଏଟ ପ୍ରଫେସର ଡା.ପି.ରବି କୁମାର ଯୋଗଦେଇ ଥାଇରଏଡ ଓ ମଧୁମେହ ସମ୍ପର୍କରେ ସୂଚନା ଓ ସଚେତନତାକୁ ନେଇ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଳବାଇ ଇନିଷ୍ଟିଚ୍ୟୁଟ ସମ୍ପାଦକ ଆର.କେ.ହୋତା, ଉପସଭାପତି ଦୁର୍ଗା ପ୍ରସାଦ ବ୍ରହ୍ମା, ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ଶାଖା ସମ୍ପାଦକ କେ.ରବୀନ୍ଦ୍ର ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶ୍ରମିକ କଂଗ୍ରେସ ଉପସଭାପତି ପି.ରାମଚନ୍ଦ୍ର ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

## ହୋମଯଜ୍ଞ ସହ ମହାମୃତ୍ୟୁଞ୍ଜୟ ମନ୍ତ୍ର ପଠନ

**ଦିଗପହଣ୍ଡି, ୨୦।୬(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଆଙ୍କୋରଡ଼ା ସ୍ୱପ୍ନେଶ୍ୱର ଶୈବ ପୀଠରେ ସୋମବାର ଏକ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଙ୍କୋରଡ଼ା ସରପଞ୍ଚ ରିନା ପ୍ରଧାନ ଓ ତାଙ୍କ ସ୍ୱାମୀ ଶିଶିର କୁମାର ପ୍ରଧାନ ହୋମରେ ଯଜ୍ଞକର୍ତ୍ତା ଭାବେ ବସିଥିଲେ। ଦିଗପହଣ୍ଡି ବ୍ଲକ ଅଧକ୍ଷା ସୁନୀତା ସେଠୀଙ୍କ ପ୍ରତିନିଧି କୃଷ୍ଣ ଚନ୍ଦ୍ର ସେଠୀ, ଉପାଧକ୍ଷା ସୁକାନ୍ତି ପ୍ରଧାନଙ୍କ ପ୍ରତିନିଧି ଆଇନଜୀବୀ ନକୁଳ ପ୍ରଧାନ, ଜିଲା ଯୁବ ବିଜେଡି ଉପ ସଭାପତି ଏମ୍.ନିରଞ୍ଜନ ରେଡ୍ଡୀ, ଯୁବ ବିଜେଡି ନେତା ରାମକୃଷ୍ଣ ପାଢୀ, ରାମନାଥ ବିଷୋୟୀ, ତାରକେଶ୍ୱର ଦୋରାଙ୍କ ସମେତ ବିଜେଡିର ବହୁ କର୍ମୀ ଓ ସମର୍ଥକ ଏହି ଯଜ୍ଞରେ ଯୋଗଦାନ କରିଥିଲେ। ଦିଗପହଣ୍ଡି ବିଧାୟକ ତଥା ପୂର୍ବତନ ବାଚସ୍ପତି ଡ.ସୂର୍ଯ୍ୟନାରାୟଣ ପାତ୍ରଙ୍କ ଆଶୁ ଆରୋଗ୍ୟ କାମନା ପାଇଁ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଇଥିଲା। ଶେଷରେ ଅନ୍ନପ୍ରସାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଏମ୍‌କେସିଜି ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ବ୍ରହ୍ମପୁର ଅଫିସ, ୨୦।୬**



ଏମକେସିଜି ପ୍ରଶାସନିକ ଅଧିକାରୀଙ୍କୁ ସମ୍ବର୍ଦ୍ଧନା।

ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମକେସିଜି) ମେଡିକାଲର ପ୍ରଶାସନିକ ଅଧିକାରୀ ଭାବେ ରାଜେନ୍ଦ୍ର ମିଞ୍ଜ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଭଞ୍ଜନଗର ଉପ-ଜିଲାପାଳ ଥିଲେ। କାର୍ଯ୍ୟାଳୟର ପ୍ରତିଷ୍ଠାନ ଅଧିକାରୀ ମନୋଜ କୁମାର ଖାଡଙ୍ଗାଙ୍କ ତତ୍ତ୍ୱାବଧାନରେ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମକେସିଜି ଅତିରିକ୍ତ ଅଧୀକ୍ଷକ ଡ଼ କିରଣ କୁମାର ପଟ୍ଟନାୟକଙ୍କ ସମେତ ସମସ୍ତ କର୍ମଚାରୀ ପ୍ରଶାସନିକ ଅଧିକାରୀ ମିଞ୍ଜଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏମ୍‌କେସିଜିରେ ପୂର୍ବରୁ ଥିବା ପ୍ରଶାସନିକ ଅଧିକାରୀ ସୁଦାମ ଚରଣ ମଣ୍ଡଳଙ୍କୁ ଶିଳ୍ପ ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ଭାବେ ବଦଳି ହୋଇଥିଲା। ସେବେଠୁ ଏମକେସିଜିରେ ଏହି ପଦବୀ ଖାଲି ରହିଥିଲା।

## 'ରାଜଧାନୀରେ କାର୍ଯ୍ୟ କରିବାରେ ଅନେକ ଚ୍ୟାଲେଞ୍ଜ ରହିବ'

**ଭୁବନେଶ୍ୱର, ୨୦।୬(ବ୍ୟୁରୋ):** ଗଞ୍ଜାମ ଜିଲାପାଳ ଭାବେ ଦୀର୍ଘଦିନ ଧରି ଦାୟିତ୍ୱ ତୁଲାଇବା ପରେ ସୋମବାର ବିଏମ୍‌ସି(ଭୁବନେଶ୍ୱର ମହାନଗର ନିଗମ) କମିଶନର ଭାବେ ବିଜୟ ଅମୃତା କୁଲାଙ୍ଗେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଏମ୍‌ସି କମିଶନର ଭାବେ ତାଙ୍କୁ ନିଯୁକ୍ତି ମିଳିବା ପରେ ସେ ଉତ୍ସାହିତ



ଭୁବନେଶ୍ୱର ମେୟର ସୁଲୋଚନା ଦାସ ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କୁ ସ୍ୱାଗତ କରୁଛନ୍ତି।

ଅଛନ୍ତି। ଗଞ୍ଜାମରୁ ମିଳିଥିବା ଅଭିଜ୍ଞତା ରାଜଧାନୀରେ ଲଗାଇବେ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, ରାଜଧାନୀ ବାସିନ୍ଦାଙ୍କ ପ୍ରମୁଖ ଦାବି ଓ ବିକାଶକୁ ପ୍ରାଧାନ୍ୟ ଦେବେ। ରାଜ୍ୟ ସରକାରଙ୍କ ସହରାଞ୍ଚଳ ବିକାଶ ଯୋଜନାର ଶତପ୍ରତିଶତ ସଫଳ ରୂପାୟନ କରିବା ଲାଗି ଚେଷ୍ଟା ଜାରି ରଖିବେ। ନିକଟରେ ମହାନଗର ନିଗମ ନିର୍ବାଚନରେ ନିର୍ବାଚିତ ଜନପ୍ରତିନିଧିମାନଙ୍କ ସହ ମିଶି ଅଧିକ ବିକାଶ ଦିଗରେ କାର୍ଯ୍ୟ କରିବେ। ରାଜଧାନୀରେ କାର୍ଯ୍ୟ କରିବା ବେଳେ ଅନେକ ଚ୍ୟାଲେଞ୍ଜ ରହିବ। ହେଲେ ଟିମ୍ ୱାର୍କ ଜରିଆରେ କାର୍ଯ୍ୟ ସହଜ ହେବ ବୋଲି ସେ କହିଛନ୍ତି। ବିଏମ୍‌ସି କମିଶନର

### ବିଏମ୍‌ସି କମିଶନର ଭାବେ ଦାୟିତ୍ୱ ନେଲେ କୁଲାଙ୍ଗେ

ଭାବେ ସଞ୍ଜୟ କୁମାର ସିଂ ଦାୟିତ୍ୱ ତୁଲାଇ ଆସୁଥିଲେ। ତାଙ୍କୁ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ମିଳିବା ପରେ ସୋମବାର କୁଲାଙ୍ଗେଙ୍କୁ ସେ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ତେବେ କୁଲାଙ୍ଗେ ଗଞ୍ଜାମ ଜିଲାପାଳ ଥିବାବେଳେ କରୋନା ମହାମାରୀ ମୁକାବିଲାଠାରୁ ଆରମ୍ଭକରି ବିଦ୍ୟାଳୟ ରୂପାନ୍ତରଣ, ମା' ତାରାତାରିଣୀ ମନ୍ଦିରର ବିକାଶ କାର୍ଯ୍ୟ, ଗୋପାଳପୁର ବେଳାଭୂମିର ଉନ୍ନତୀକରଣ କାର୍ଯ୍ୟ ସଫଳତାର ସହ ତୁଲାଇଛନ୍ତି।

# ନୂଆ ଜିଲାପାଳ, ପିଡି, ବିଏମ୍‌ସି କମିଶନରଙ୍କ ତାରାତାରିଣୀ ଦର୍ଶନ

**ଛତ୍ରପୁର/ ପୁରୁଷୋତ୍ତମପୁର, ୨୦।୬(ଡି.ଏନ୍.ଏ.)**

- ଦାୟିତ୍ୱ ଗ୍ରହଣ କଲେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଦିବ୍ୟାଙ୍ଗଙ୍କ ଅଭିଯୋଗ ଶୁଣିଲେ
- ପୂର୍ବତନ ଜିଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା



ନୂତନ ଅଧିକାରୀମାନେ ମା' ତାରାତାରିଣୀଙ୍କ ମନ୍ଦିର ପରିଦର୍ଶନ କରୁଛନ୍ତି।

ଗଞ୍ଜାମ ଜିଲାପାଳ ଭାବେ ଦିବ୍ୟଜ୍ୟୋତି ପରିଡା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସାରେ ସେ କହିଛନ୍ତି, ଜିଲାରେ ଯେଉଁସବୁ ଉନ୍ନୟନ କାର୍ଯ୍ୟ ଚାଲିଛି, ସେଗୁଡିକ ନିଶ୍ଚିତ ଭାବେ ତ୍ୱରାନ୍ୱିତ କରାଯିବ। ସରକାରଙ୍କ ୫-ଟି ମନ୍ତ୍ର ଆଧାରରେ ସମସ୍ତ କାର୍ଯ୍ୟ କରିବା ପାଇଁ ପ୍ରଚେଷ୍ଟା ଜାରି ରହିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଭୁବନେଶ୍ୱର ମହାନଗର ନିଗମ କମିଶନର ଭାବେ ବଦଳି ହୋଇଛି। ଛତ୍ରପୁରସ୍ଥିତ ଜିଲାପାଳଙ୍କ ସଦଭାବନା ସମ୍ମିଳନୀ କକ୍ଷଠାରେ ନୂତନ ଜିଲାପାଳଙ୍କୁ ସ୍ୱାଗତ ଓ ପୂର୍ବତନ ଜିଲାପାଳ କୁଲାଙ୍ଗେଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍ ଉଭୟଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭି. କୀର୍ତ୍ତିଭାସନ, ବ୍ରହ୍ମପୁର ମହାନଗର ନିଗମ କମିଶନର ଜେ.ସୋନାଲ, ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟିଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଏବଂ କାର୍ଯ୍ୟାଳୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ନୂତନ ଜିଲାପାଳ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଜଡଗଡ ସମ୍ମିଳନୀ କକ୍ଷରେ ଚାଲିଥିବା ଦିବ୍ୟାଙ୍ଗ ଜନସମାଧାନ କେନ୍ଦ୍ରରେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରି ୩ଜଣ ଦିବ୍ୟାଙ୍ଗଙ୍କୁ ୩ ଚକିଆ ସାଇକେଲ, ୩ ଜଣଙ୍କୁ ଡିଆରଆଇ ଲୋନ୍ ବଣ୍ଟନ କରିଥିଲେ। ଏହାପରେ ଜିଲାପାଳ, ପିଡି ଓ ବିଏମ୍‌ସି କମିଶନର ଜିଲାର ଆରାଧ୍ୟା ଦେବୀ ମା' ତାରାତାରିଣୀଙ୍କ ପୀଠକୁ ଯାଇ ମା'ଙ୍କ ଦର୍ଶନ କରିଥିଲେ । ଏହି ଅବସରରେ ଜିଲାପାଳ ମନ୍ଦିରର ସମସ୍ତ କାର୍ଯ୍ୟ ଓ ପାରିପାର୍ଶ୍ୱିକ ସ୍ଥିତି ବୁଲି ଦେଖିଥିଲେ । ଏପରିକି ପୀଠରେ ବାକିଥିବା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଯେଭଳି ଶୀଘ୍ର ସରିବ ଓ ଏଠାକୁ ଆସୁଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ଯେପରି କୌଣସି ଅସୁବିଧା ନହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ମନ୍ଦିରର ଆହୁରି କିଭଳି ବିକାଶ ହୋଇପାରିବ ସେନେଇ ପ୍ରଶାସନ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି। ଅଧିକାରୀମାନଙ୍କ ଗସ୍ତ ବେଳେ ବିଡିଓ ବିଜୟ କୁମାର ବେହେରା, ତହସିଲଦାର ନିତିଶ କୁମାର ତ୍ରିପାଠୀ ଓ ମନ୍ଦିର ନିର୍ବାହୀ ଅଧିକାରୀ ଟିକେ ରେଡିଙ୍କ ସମେତ ସେବାୟତ ବାପୁଜୀ ରଣା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ବ୍ରହ୍ମପୁର, ମଙ୍ଗଳବାର, ୨୧ ଜୁନ୍, ୨୦୨୨



## ସଂକ୍ଷେପରେ...

### ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକାରିଣୀ ବୈଠକ

ପାରଳାଖେମୁଣ୍ଡି,୨୦।୬(ଡି.ଏନ୍.ଏ.)- ଗଜପତି ଜିଲା ସଦର ମହକୁମାଠାରେ ବରିଷ୍ଠ ନାଗରିକ ମଞ୍ଚ କାର୍ଯ୍ୟକାରିଣୀ ବୈଠକ ମଞ୍ଚର କାର୍ଯ୍ୟାଳୟଠାରେ ସଭାପତି ଲକ୍ଷ୍ମୀ ନୃସିଂ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜୁଲାଇ ୧୭ତାରିଖରେ ମଞ୍ଚର ସାଧାରଣ ବୈଠକ କରିବା ପାଇଁ ସ୍ଥିର କରାଯାଇଛି। ପୂର୍ବତଟ ରେଳପଥର ମୁଖ୍ୟଯନ୍ତ୍ରୀ ଭୁବନେଶ୍ୱର ଜଣାଇଛନ୍ତି ଯେ, ପାରଳାଖେମୁଣ୍ଡି ରେଳ ଷ୍ଟେଶନ ପ୍ଲାଟଫର୍ମର ଉଚ୍ଚତା ନିମନ୍ତେ ପାଣ୍ଠି ମଞ୍ଜୁର କରାଯାଇଛି ଓ ନିର୍ମାଣ କାର୍ଯ୍ୟ ଶୀଘ୍ର କରାଯିବ ବୋଲି ପତ୍ର ମାଧମରେ ମଞ୍ଚର କାର୍ଯ୍ୟାଳୟକୁ ଜଣାଇଛନ୍ତି। ଏତଦ୍ବ୍ୟତୀତ ମଞ୍ଚର ଯଉଁ ସଦସ୍ୟମାନେ ସାମାଜିକ ସୁରକ୍ଷା ପରିଚୟ ପତ୍ର ପୋଲିସ ତରଫରୁ ପାଇନାହାନ୍ତି ସେମାନେ ଶୀଘ୍ର ଆବେଦନ କରିବାକୁ ନିବେଦନ କରାଯାଇଛି।

### ଉପଜିଲାପାଳଙ୍କ ଅଭିଯୋଗ ଶୁଣାଣି

ଭଞ୍ଜନଗର,୨୦।୬(ଡି.ଏନ.ଏ)-ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଭଞ୍ଜନଗର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଭଞ୍ଜନଗର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ଉପସ୍ଥିତ ରହି ଦିବ୍ୟାଙ୍ଗମାନଙ୍କ ଅଭିଯୋଗ ଏବଂ ପରେ ସାଧାରଣ ଅଭିଯୋଗଗୁଡିକର ଶୁଣାଣି କରିଥିଲେ। ସମୁଦାୟ ୧୧ ପତ୍ର ଉପଜିଲାପାଳ ଗ୍ରହଣ କରିଥିଲେ। ଦିବ୍ୟାଙ୍ଗମାନଙ୍କ ନିକଟରୁ ୩ଟି ଅଭିଯୋଗ ପତ୍ର ଆସିଥିଲା ବେଳେ ୮ ସାଧାରଣ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି। ଏହି ଅଭିଯୋଗ ଶୁଣାଣି ସମୟରେ ଭଞ୍ଜନଗର ବିଡିଓ ଅନିଲ କୁମାର ସେଠୀ, ବୁଗୁଡ଼ା ତହସିଲଦାର ସଂଗ୍ରାମ କେଶରୀ ଜେନା, ଶେରଗଡ଼ ତହସିଲଦାର ଦୟାସିନ୍ଧୁ ପରିଡ଼ା, ସହାୟକ ଜିଲାପାଳ ସଞ୍ଜୟ କୁମାର ସାହୁ, ଏଷ୍ଟାବ୍ଲିଶମେଣ୍ଟ ଅଫିସର ଅନିଲ କୁମାର ପଣ୍ଡା, ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ, ସାମାଜିକ ସୁରକ୍ଷା ଅଧିକାରୀଙ୍କ ସମେତ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ।

### ଦିନଦୟାଲ ଉପାଧ୍ୟାୟ କୌଶଳ ଆତ୍ମନିଯୁକ୍ତି ପରାମର୍ଶ ଶିବିର

ଶେରଗଡ,୨୦।୬(ଡି.ଏନ.ଏ.)-ଶେରଗଡ ବ୍ଲକ ସଭାଗୃହରେ ଦିନଦୟାଲ ଉପାଧ୍ୟାୟ କୌଶଳ ଆତ୍ମନିଯୁକ୍ତି ଓ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା।ଉକ୍ତ ଶିବିରକୁ ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ବ୍ଲକର ୨୨ପଞ୍ଚାୟତର ଯୁବକ ଯୁବତୀମାନଙ୍କୁ ମାଗଣା ତାଲିମ ସହ ଆତ୍ମନିର୍ଭରଶୀଳ କରାଇବା ଲକ୍ଷ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଥିବା କଥା ଜୀବିକା ମିଶନର ଗୋଷ୍ଠୀ ପ୍ରକଳ୍ପ ପରିଚାଳିକା ବନିତା ସାହୁ କହିଥିଲେ। ଅନ୍ୟତମ ବକ୍ତା ଭାବେ ଯୁବ ପ୍ରକଳ୍ପ ଅଧିକରଣୀ ସୁଜ୍ଞାନି ପଣ୍ଡା,ବ୍ଲକ ସଂଯୋଜିକା ଝିଲି କୁମାରୀ ପ୍ରଧାନ ଯୋଗଥିଲେ। ବ୍ଲକର ବିଭିନ୍ନ ପଞ୍ଚାୟତର ୭୨ ଯୁବକ ଯୁବତୀ ତାଲିମ ଓ ଆତ୍ମନିର୍ଭରଶୀଳ ପାଇଁ ନାମ ପଞ୍ଜିକରଣ କରିଥିଲେ।

### ଫେଭର ରୋଡ଼, ଡ୍ରେନ୍ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର

ପୁରୁଷୋତ୍ତମପୁର,୨୦।୬(ଡି.ଏନ.ଏ.)- ପୁରୁଷୋତ୍ତମପୁର ଏନ୍ଏସି ୱାର୍ଡ ୧, ୩, ୪ ଓ ୫ର ସାହି ଗୁଡ଼ିକରେ ଦୀର୍ଘ ବର୍ଷ ହେଲା ରାସ୍ତା ଘାଟ ଭାଙ୍ଗି ରୁଜି ପଡିଥିବାରୁ ଏହାର ନିର୍ମାଣ ଲାଗି ଜନସାଧାରଣ ଦାବି କରିଆସୁଥିଲେ। ଅଧକ୍ଷା ପ୍ରିୟଙ୍କା ଗୌଡ଼ ଓ କାଉନସିଲର ଅଶୋକ କୁମାର ମହାଙ୍କୁଡ, ସୁଜାତା ବେହେରା, କେ ପ୍ରମୋଦ କୁମାର ଆଚାରୀ, ଭବାନୀ ଶଙ୍କର ନାହାକ ଏହାକୁ ଗୁରୁତ୍ୱ ଦେଇ ସୋମବାର ପୋଲିସ ଥାନା ପାଖରୁ ବଡ଼ ବଜାର ଦେଇ ଆରଆଇ ଅଫିସ ପର୍ଯ୍ୟନ୍ତ ୯୦ ଲକ୍ଷ ଟଙ୍କା, ବଡବଜାରଠାରୁ ମହାତ୍ମା ଗାନ୍ଧୀ ଛକ ପର୍ଯ୍ୟନ୍ତ ୧୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଓ ଗଡ଼ ସାହି ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତାଠାରୁ ଗଡ଼ ସାହି ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ୧୮ ଲକ୍ଷ ଟଙ୍କାର ଫେଭର ରୋଡ଼ ସହିତ ଡ୍ରେନ୍ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଏନ୍ଏସି ଅଧକ୍ଷା ପ୍ରିୟଙ୍କା ଗୌଡ଼, ଉପାଧକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା, କାଉନସିଲର ଅରୁଣ କୁମାର ମହାଙ୍କୁଡ, ଲିଙ୍ଗରାଜ ବେହେରା, ଅଶୋକ କୁମାର ମହାଙ୍କୁଡ, ପ୍ରମୋଦ କୁମାର ଆଚାରି, ଗିରିଜା ବେହେରା, ନଗର ବିଜେଡି ସଭାପତି ପ୍ରଭାତ କୁମାର ପଟ୍ଟନାୟକ, ନଗର ଯୁବ ସଭାପତି ମନୋଜ କୁମାର ଗୌଡ଼ ଯୋଗଦେଇଥଲେ। ଏହାକୁ ଏନ୍ଏସି କନିଷ୍ଠ ଯନ୍ତ୍ରୀ ରାମ ଚନ୍ଦ୍ର ପିଙ୍ଗୁଆ, ଏନ୍ଏସି କର୍ମଚାରୀମାନେ ପରିଚାଳନା କରିଥିଲେ।

# ଅନିଶ୍ଚିତତାରେ କ୍ଷୁଦ୍ର ଉଦ୍ୟୋଗପତି

ଫୁଲବାଣୀ ଅଫିସ, ୨୦।୬

ଓଡିଶା ଅର୍ଥନୀତିର ବିକାଶ ଲାଗି ଗୁଣାତ୍ମକ ଶିଳ୍ପ ଭିତ୍ତିଭୂମି ଯୋଗାଇବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ବିଭିନ୍ନ ଶିଳ୍ପ କ୍ଷେତ୍ରର ବିକାଶ ପାଇଁ ଭିତ୍ତିଭୂମି ସହାୟତା ଜରୁରୀ ହୋଇଥାଏ। ମାତ୍ର ଶିଳ୍ପବିହୀନ କନ୍ଧମାଳ ଜିଲାବାସୀଙ୍କ ଶିଳ୍ପ ନାହିଁ କି ଉଦ୍ୟୋଗୀଙ୍କ ପାଇଁ ଭିତ୍ତିଭୂମି ସୁବିଧା ନାହିଁ। ଜିଲାରେ ଏଫସିଆଇ ପାଖରେ ଥିବା ଶ୍ରୀରାମ ମନ୍ଦିର ଶିଳ୍ପାଞ୍ଚଳରେ କିଛି କ୍ଷୁଦ୍ର ଉଦ୍ୟୋଗ ରହିଥିଲେ ମଧ ତାହା କେବଳ କାଗଜ କଲମରେ ସିମୀତ। କୌଣସି ଉଦ୍ୟୋଗ ଠିକ ଭାବେ କାର୍ଯ୍ୟକାରୀ ଅବସ୍ଥାରେ ନାହିଁ । ଏଥିରେ ମୁଖ୍ୟ ପ୍ରତିବନ୍ଧକ ସାଜିଛି ଇଣ୍ଡଷ୍ଟ୍ରିଆଲ ଇନ୍ଫାଷ୍ଟ୍ରକଚର ଡେଭଲପମେଣ୍ଟ କର୍ପୋରେଶନ(ଇଡ୍କୋ) । ୧୯୮୧ରୁ ଇଡ୍କୋ ଆବଣ୍ଟନ କରିଥିବା ଜାଗାର

## ଇଡ୍କୋ ପାଇଁ ଆଗେଇପାରୁନି ଶ୍ରୀରାମ ମନ୍ଦିର ଶିଳ୍ପାଞ୍ଚଳ




ଶିଳ୍ପାଞ୍ଚଳ।

ପଟ୍ଟା ଏ ପର୍ଯ୍ୟନ୍ତ ଉଦ୍ୟୋଗୀଙ୍କୁ ମିଳୁନାହିଁ। ଫଳରେ ସେମାନଙ୍କୁ କୌଣସି ବ୍ୟାଙ୍କ ଋଣ ଦେଉ ନ ଥିବାରୁ ଉଦ୍ୟୋଗ ପ୍ରତିଷ୍ଠା ହୋଇପାରୁନାହିଁ। ଯେଉଁ କେତୋଟି ଉଦ୍ୟେଗ ଅଛି ତାହା ମଧ ଆଗେଇ ପାରୁନାହିଁ । ଅନ୍ୟପକ୍ଷରେ କିଛି ଶିଳ୍ପ ପ୍ଲଟରେ ଉଦ୍ୟୋଗ ନ ହୋଇ ବହୁତଳ ଅଟ୍ଟାଳିକା ନିର୍ମାଣ କରାଯାଇଛି।

ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ଅନୁସାରେ ୧୯୮୧ରେ ଇଡ୍କୋ ୧୦ ଏକର ଜମି ଅଧିଗ୍ରହଣ କରିଥିଲା । ଏହାପରେ ଉଦ୍ୟୋଗୀଙ୍କୁ ଜମି ଆବଣ୍ଟନ କରିଥିଲା। ପର୍ଯ୍ୟାୟକ୍ରମେ ଏ ପର୍ଯ୍ୟନ୍ତ ୨୩ ଜଣଙ୍କୁ ଉଦ୍ୟୋଗ ଲାଗି ଜମି ପ୍ରଦାନ କରାଯାଇଛି। ଇତିମଧରେ ୪୧ ବର୍ଷ ବିତି ଯାଇଥିଲେ ମଧ ଇଡ୍କୋ ଜମି ପଟ୍ଟା ପ୍ରଦାନ କରିପାରୁନାହିଁ। କେବଳ ୪ ଜଣଙ୍କୁ ପଟ୍ଟା ମିଳିଛି । ଇଡ୍କୋ ତଥ୍ୟ ଅନୁସାରେ ୧୩ ଉଦ୍ୟୋଗ ବର୍ତ୍ତମାନ ଚାଲୁଛି । ୫ଟି ବନ୍ଦ ହୋଇଛି ଏବଂ ଆଉ ୫ଟି କାର୍ଯ୍ୟାନ୍ୱୟନ ଅବସ୍ଥାରେ ଅଛି । କିନ୍ତୁ ବାସ୍ତବ ଚିତ୍ର ଦେଖିଲେ ଏହା ସମ୍ପୂର୍ଣ୍ଣ ଅଲଗା।୧୩ ଶିଳ୍ପ ମଧ୍ୟରୁ ବହୁ ଶିଳ୍ପ ବନ୍ଦ ହୋଇପଡିଛି । ଅର୍ଥ ଅଭାବରୁ ସେମାନେ ଉଦ୍ୟୋଗକୁ ଆଗେଇ ପାରୁନାହାନ୍ତି। ଆଉ କେତେଜଣ ଉଦ୍ୟୋଗୀ ନିଜ ସଂସ୍ଥା ନ କରି ଭଡ଼ା ସୂତ୍ରରେ ଦେଇ ଅର୍ଥ ରୋଜଗାର କରୁଛନ୍ତି। ଯାହାକି ସମ୍ପୂର୍ଣ୍ଣ ବେଆଇନ। ଜିଲା ଶିଳ୍ପ କେନ୍ଦ୍ର ଏହାର ତଦାରଖ କରୁନାହିଁ। ନିୟମ ଅନୁସାରେ ଯଦି କେହି ଉଦ୍ୟୋଗ କରିବାକୁ ନ ଚାହିଁବେ, ସେ ଜାଗା ଛାଡିବେ । ତାହାକୁ ଇଡ୍କୋ ନେଲା ପରେ ଅନ୍ୟ କାହାକୁ ଆବଣ୍ଟନ କରିବ । ଯଦି ବି ଭଡା ସୂତ୍ରରେ ଦିଆଯିବ ତାହା ବି ଇଡ୍କୋ ଜାଣିବ । ଭଡ଼ାର ୧୨ ପ୍ରତିଶତ ଅର୍ଥ ପ୍ରତିମାସରେ ଇଡ୍କୋକୁ ଯିବ । ଏ ସବୁର ତଦାରଖ ଦାୟିତ୍ୱ ଜିଲା ଶିଳ୍ପ କେନ୍ଦ୍ରର । ଏ ସମ୍ପର୍କରେ ଓଡିଶା ସ୍ମଲ ସ୍କେଲ ଇଣ୍ଡଷ୍ଟ୍ରିଜ ଆସୋସିଏଶନ, କନ୍ଧମାଳ ଶାଖା ସମ୍ପାଦକ ଗୋପଲ ଚନ୍ଦ୍ର ତ୍ରିପାଠୀ କହିଛନ୍ତି, ଉଦ୍ୟୋଗ କରିବା ପାଇଁ ଇଡ୍କୋଠାରୁ ଜାଗା ନେଇଛୁ । ଜାଗାର ମୂଲ୍ୟ ଅନୁସାରେ ନିର୍ଦ୍ଧାରିତ ଅର୍ଥ ଇଡ୍କୋରେ ବାନ୍ଧିଛୁ। ହେଲେ ଏ ପର୍ଯ୍ୟନ୍ତ ଆମକୁ ପଟ୍ଟା ମିଳୁନାହିଁ । କୌଣସି ବ୍ୟାଙ୍କ ଆମକୁ ଲୋନ ଦେଉ ନାହାନ୍ତି। ନିଜେ ଶିଳ୍ପ ବଢ଼ାଇବାକୁ ଟଙ୍କା ନାହିଁ। ଖାଲି ଜାଗା ଆଦରି ପଡିରହିଛୁ। ଇଡ୍କୋ ନାଁରେ ମଧ ପଟ୍ଟା ହୋଇ ନ ଥିବା ଜାଣିବାକୁ ପାଇଛୁ ବୋଲି ତ୍ରିପାଠୀ କହିଛନ୍ତି।

### ହରିଜନ ହିନ୍ଦୁ ମହାସଂଘ ସମାବେଶ

ଆର.ଉଦୟଗିରି,୨୦।୬(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକର ମହେନ୍ଦ୍ରଗଡ଼ ଶିବ ମନ୍ଦିରରେ ମିଳିତ ହରିଜନ ହିନ୍ଦୁ ମହାସଂଘର ସମାବେଶ ରବିବାର ଅନୁଷ୍ଠିତ ହୋଇଥିଲା। ଅସ୍ଥାୟୀ ସଭାପତି ଶିବନନ୍ଦ ରଣସିଂଙ୍କ ଅଧକ୍ଷତାରେ ଆୟୋଜିତ ସମାବେଶରେ ହରିଜନ ଲୋକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ମୋହନା ଓ ଆର୍.ଉଦୟଗିରି ବ୍ଲକର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ବର୍ଷ ବର୍ଷ ଧରି ରହି ଆସୁଥିଲେ ମଧ ସରକାର ଜଙ୍ଗଲ ଜମିପଟ୍ଟା ପ୍ରଦାନ କରୁନାହାନ୍ତି। ପ୍ରଶାସନକୁ ବାରମ୍ବାର ଅବଗତ କରାଗଲେ ମଧ ସୁଫଳ ମିଳୁନାହିଁ। ଚନ୍ଦ୍ରଗିରି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଓ ଆଶ୍ରମ ବିଦ୍ୟାଳୟରେ ହରିଜନ ପିଲାଙ୍କୁ ପଢିବାକୁ ସୁଯୋଗ ମିଳୁନାହିଁ ବୋଲି ଅଭିଯୋଗ ହୋଇଥିଲା। ଜିଲାରେ ହରିଜନ ଉନ୍ନୟନ ସଂସ୍ଥା ଗଠନ, ସବ୍ସିଡି ଓ ଋଣ ପ୍ରଦାନ ଦାବି କରାଯାଇଥିଲା। ଏ ସମ୍ପର୍କରେ ଏକ ଦାବିପତ୍ର ଗଜପତି ଜିଲାପାଳଙ୍କୁ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି। ମହାସଂଘର ନୂତନ କମିଟି ଗଠନ କରାଯାଇଛି। ସଭାପତି ଭାବେ ଆନନ୍ଦ ବଲିୟାରସିଂ, ଉପସଭାପତି ଦୀନବନ୍ଧୁ ବାଘସିଂ, ସମ୍ପାଦକ ବୈଲାଚନ ନାୟକ, ସହସମ୍ପାଦକ ସୁବାସ ଚନ୍ଦ୍ର ବଲିଆରସିଂ ଓ କୋଷାଧକ୍ଷ ଅନିଲ କୁମାର ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। କାର୍ଯ୍ୟକାରୀ କମିଟି ଅନ୍ୟ ବ୍ୟକ୍ତିମାନେ ସଦସ୍ୟ ଭାବେ ମନୋନୀତ କରାଯାଇଛି।

# ଅଗ୍ନିପଥ ଯୋଜନା ବାତିଲ ଦାବିରେ ବିକ୍ଷୋଭ




ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ପାରଳାଖେମୁଣ୍ଡି,୨୦।୬(ଡି.ଏନ୍.ଏ.)

ପାରଳାଖେମୁଣ୍ଡିରେ କେନ୍ଦ୍ର ସରକାରଙ୍କ ଯୁବ ବିରୋଧୀ ଓ ଦେଶ ବିରୋଧୀ ୪ ବର୍ଷିଆ ନିଯୁକ୍ତି ଅଗ୍ନିପଥ ଯୋଜନାକୁ ପ୍ରତ୍ୟାହାର ଦାବି କରି ସୋମବାର ଭାରତର ଗଣତାନ୍ତ୍ରିକ ଯୁବ ଫେଡେରଶନ ପକ୍ଷରୁ ବିକ୍ଷୋଭ କରାଯାଇଛି। ଏହି ଯୋଜନାକୁ ବିରୋଧକରି ଏକ ଶୋଭାଯାତ୍ରା ପାରଳାଖେମୁଣ୍ଡି ବସ୍ଷ୍ଟାଣ୍ଡରୁ ବାହାରି ସହର ପରିକ୍ରମାକରି କଲେଜ ଛକ ନିକଟରେ ପହଞ୍ଚି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୋଷ୍ଟର ଜାଳି ବିରୋଧ ପ୍ରଦର୍ଶନ କରିଛନ୍ତି। ନଗେଶ୍ୱର ଶବରଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଯୁଗ୍ମ ସମ୍ପାଦକ ଯତୀନ ମହାନ୍ତି, ଜିଲା ସମ୍ପାଦକ ସୁକୁ ଶବର, ଜିଲା ଉପ ସଭାପତି ମାନସ ଜେନା,ଜିଲା କମିଟି ସଭ୍ୟ ଜଇନ ଶବର ପ୍ରମୁଖ ଯୋଗଦେଇ ଦେଶର ସାମ୍ବିଧାନିକ ବିଧିବ୍ୟବସ୍ଥ ଅନୁସାରେ ସେନାରେ ନିଯୁକ୍ତି ଦିଆଯାଉ ବୋଲି କହିଛନ୍ତି। ଅଗ୍ନିପଥ ଯୋଜନା ଅନୁସାରେ ମୋଦି ସରକାର ଦେଶର ଯୁବପିଢ଼ିଙ୍କୁ ପରୋକ୍ଷରେ ଭିକ୍ଷାବୃତ୍ତି କରିବାକୁ ବାଧ କରୁଛନ୍ତି। ଏହା କଦାପି ବରଦାସ୍ତ କରାଯିବ ନାହିଁ। ତେଣୁ ବିଧିବ୍ୟବସ୍ଥା ଅନୁସାରେ ସେନା ଓ ଅନ୍ୟାନ୍ୟ କ୍ଷେତ୍ରରେ ନିଯୁକ୍ତି ଦିଆଯାଉ ନଚେତ୍ ଆଗାମୀ ଦିନରେ ଯୁବପିଢ଼ିଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଭଞ୍ଜନଗର ଉପଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ

ଭଞ୍ଜନଗର,୨୦।୬(ଡି.ଏନ୍.ଏ.)

ଭଞ୍ଜନଗର ନୂତନ ଉପଜିଲାପାଳ ଭାବେ ଜ୍ୟୋତିଶଙ୍କର ରାୟ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହାପୂର୍ବରୁ ସେ ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରହିଥିଲେ। ନୂତନ ଉପଜିଲାପାଳ ରାୟଙ୍କୁ ଉପଜିଲାପାଳ କାର୍ଯ୍ୟାଳୟର ସହାୟକ ଜିଲାପାଳ ସଞ୍ଜୟ କୁମାର ସାହୁ, ଏଷ୍ଟାବ୍ଲିସମେଣ୍ଟ ଅଫିସର ଅନିଲ କୁମାର ପଣ୍ଡା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀଶଙ୍କର ଶତପଥୀ, ଯୋଗାଣ ଅଧିକାରୀ ଅସିତ କୁମାର ମହାନ୍ତି, ଜନଜାତି ଅଧିକାରୀ ଅମୀୟ କୁମାର ମିଶ୍ର, ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସରକାରୀ ଯୋଜନାକୁ ସଫଳ ରୂପେ ରୂପାୟନ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ନୂତନ ଉପଜିଲାପାଳ ରାୟ ପ୍ରକାଶ କରଛନ୍ତି। ସେ ସମସ୍ତ କର୍ମଚାରୀଗଣଙ୍କୁ ୫-ଟି ଅନୁଯାୟୀ ସୂଚାରୁରୂପେ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ଏହାରେ ପୂର୍ବରୁ ଉପଜିଲାପାଳ ଥିବା ରାଜେନ୍ଦ୍ର ମିଞ୍ଜ ପଦୋନ୍ନତି ପାଇ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜରେ ରେଜିଷ୍ଟ୍ରାର ଭାବେ ଯୋଗ ଦେଇଛନ୍ତି ।



ଉପଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଉଛି।

### ବର୍ଷା ପାଣି ଜମି ଯାତାୟାତ ବାଧା ଡ୍ରେନ୍ କାର୍ଯ୍ୟ ପାଇଁ ଦାବି

ହିଞ୍ଜିଳିକାଟୁ,୨୦।୬(ଡି.ଏନ.ଏ)

ହିଞ୍ଜିଳିକାଟୁ ବ୍ଲକ ତଥା ଶେରଗଡ଼ ପୂର୍ତ୍ତ ବିଭାଗ ଅଧୀନ ନୂଆଁ ବୁରୁପୋଡା ଶ୍ୟାମଳାଇ ଛକରେ ସାମାନ୍ୟ ବର୍ଷାରେ ରାସ୍ତା ଉପରେ ୨ଫୁଟରୁ ଉର୍ଦ୍ଧ୍ୱ ପାଣି ଜମି ରହି ରହିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହେଉଛି। ଶ୍ୟାମଳାଇ ମନ୍ଦିରଠାରୁ ବୁରୁପୋଡା ଗ୍ରାମକୁ ଯିବା ପୂର୍ତ୍ତ ବିଭାଗ ରାସ୍ତାର ଡାହାଣ ପାର୍ଶ୍ୱରେ ୨ ବ୍ୟାଙ୍କର ଏଟିଏମ୍ ଓ ଅନ୍ୟାନ୍ୟ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ପାଣି ଜମି ରହିବାରୁ ଉକ୍ତ ଛକରେ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ ନିର୍ମାଣ ପାଇଁ ଦାବି ହୋଇଥିଲା। ଗତ ମାର୍ଚ୍ଚରେ ଉକ୍ତ ସ୍ଥାନରେ ଡ୍ରେନ୍ ନିର୍ମାଣ ପାଇଁ ଟେଣ୍ଡର ହୋଇ ଚୁକ୍ତିନାମା ସରିଛି। ତେବେ ଜବରଦଖଲ ମୁକ୍ତ ଓ ଡ୍ରେନ୍ ନିର୍ମାଣ ପାଇଁ ଚିହ୍ନଟ ହେଲାନାହିଁ ଫଳରେ ଠିକାଦାର ଏ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କଲେ ନାହିଁ। ଆଗକୁ ବର୍ଷା ଦିନ ଆସୁଥିବାରୁ ସମସ୍ୟା ଜଟିଳ ରୂପ ନେବ। ସୂଚନାଯୋଗ୍ୟ, କେତେଜଣ ଜବରଦଖଲକାରୀ ଡ୍ରେନ୍ କାମକୁ ନିଜ ସ୍ୱାର୍ଥ ପାଇଁ ବିରୋଧ କରୁଛନ୍ତି। ତୁରନ୍ତ ପ୍ରସ୍ତାବିତ ଡ୍ରେନ୍ ନିର୍ମାଣ ପାଇଁ ଜନସାଧାରଣ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

### ପାରମ୍ପରିକ ନୃତ୍ୟ ଗୁରୁଙ୍କ ବିୟୋଗ

ବଲସକୁମ୍ପା,୨୦।୬

କନ୍ଧମାଳ ଜିଲା ଖଜୁରିପଡ଼ା ଅଞ୍ଚଳର ନୃତ୍ୟଗୁରୁ ଭୀମସେନ ଦିଗାଲ (୫୮)ଙ୍କ ସୋମବାର ଭାଲିଆପଡ଼ା(ଗୋଡ଼ିସାହି) ସ୍ଥିତ ନିଜ ବାସଭବନରେ ମୃତ୍ୟୁ ଘଟିଛି।

କିଛିଦିନ ହେବ ଭୀମସେନ ଶ୍ୱାସରୋଗରେ ପୀଡ଼ିତ ଥିଲେ। ସୋମବାର ସକାଳୁ ହଠାତ୍ ଅଧିକ ଅସୁସ୍ଥ ହେବାରୁ ପରିବାର ତରଫରୁ ଖଜୁରିପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ପାରମ୍ପରିକ ନୃତ୍ୟଗୁରୁ ହୋଇଥିବା ବେଳେ ବୌଦ୍ଧ, କନ୍ଧମାଳ, ନୟାଗଡ଼ ଜିଲାର ଅନେକ ଗ୍ରାମରେ ଗୀତ ଏବଂ ନୃତ୍ୟ ଶିକ୍ଷାଦାନ କରିଥିଲେ। ତାଙ୍କ ମୃତ୍ୟୁରେ କନ୍ଧମାଳ ଜିଲା କଳାକାର ମହଲ ଏବଂ ଖଜୁରିପଡ଼ା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଖାଣ୍ଡବାଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କାଶୀନଗର,୨୦।୬

କାଶୀନଗର ବ୍ଲକର ଖାଣ୍ଡବା ପଞ୍ଚାୟତଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା, ଆରକ୍ଷୀ ଅଧୀକ୍ଷକ ଜୟରାମ ଶତପଥୀ ଲୋକଙ୍କ ଅଭିଯୋଗ ଗ୍ରହଣ କରି ବିହିତ ପଦକ୍ଷେପ ନେଇଛନ୍ତି। ଶିବିରରେ ମୋଟ ୬୯ ଅଭିଯୋଗ ଦାଖଲ ହୋଇଥିଲା। ଗୋଷ୍ଠୀଗତ ଦରଖାସ୍ତ ୩୦ ଓ ବ୍ୟକ୍ତିଗତ ଅଭିଯୋଗ ୩୯ ଦରଖାସ୍ତ ଗ୍ରହଣ କରି ଉପଯୁକ୍ତ ପଦକ୍ଷେପ ନେଇଥିଲେ। ଅଲଡ଼ା ପଞ୍ଚାୟତ ଗାନ୍ଧୀ ନଗର ବାବୁଲା ନାୟକଙ୍କ ଚିକିତ୍ସା ନିମନ୍ତେ ରେଡ୍କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ ଶିବିରରେ ଜିଲା ପ୍ରକଳ୍ପ ପ୍ରଶାସକ ମହେଶ୍ୱର ନାୟକ, ବିଡିଓ ଲକ୍ଷ୍ମୀପ୍ରସାଦ ସାହୁ, ତହସିଲଦାର ଲରିମାନ ଖର୍ସେଲ, ବ୍ଲକ ଅଧକ୍ଷା ବାଲା ସାଇଆମ୍ମା ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି




ଅଭିଯୋଗ ଶୁଣାଣିରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

ବଲସକୁମ୍ପା,୨୦।୬

କନ୍ଧମାଳ ଜିଲାର ସୁଶାସକ ଜିଲାପାଳ ଡ. ବୃନ୍ଦା ଡି. ଖଜୁରିପଡ଼ା ବ୍ଲକ ଗସ୍ତରେ ଆସି ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ୧୧୩ ଅଭିଯୋଗ ଗ୍ରହଣ କରିଛନ୍ତି। ଏଥିରୁ ବ୍ୟକ୍ତିଗତ ଅଭିଯୋଗ ୧୦୭ ରହିଥିବା ବେଳେ ସାମୂହିକ ଅଭିଯୋଗ ୬ ରହିଥିବା କିରାଣି ପବିତ୍ର ମହାପାତ୍ର ସୂଚନା ଦେଇଛନ୍ତି। ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ଅଞ୍ଚଳବାସୀ ସ୍ୱାଗତ ଜଣାଇବା ସହିତ ପ୍ରଶଂସା ଏବଂ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏଥିରେ ବ୍ଲକର କେତେଜଣ ଲୋକ ଆସି ସେମାନଙ୍କ ଅଭିଯୋଗ ଜଣାଇଥିବା ବେଳେ ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ସେମାନଙ୍କ ଅଭିଯୋଗ ଜଣାଇ ନ ପାରିଥିବାରୁ ମନରେ କ୍ଷୋଭ ଥିବା କହିଛନ୍ତି। କାର୍ଯ୍ୟକ୍ରମରେ ୧୪ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିବା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ରନାଥ କହଁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାଏକ, ପିଆଇଟିଡିଏ ବୀରେନ୍ଦ୍ର ଦାସ, ଜିଲା ଆରକ୍ଷୀ ଅଧିକାରୀ ଭିନିତ୍ ଅଗ୍ରୱାଲ, ଉପଜିଲାପାଳ ଶେଷଦେବ ମିଶ୍ର, ତହସିଲଦାର ସ୍ୱପ୍ନିତା ନାୟକ, ବ୍ଲକ ଶିକ୍ଷାଧିକାରୀ ବିନୋଦ ବିହାରୀ ଦିଗାଲ, ସିଡିପିଓ ଗୀତାଞ୍ଜଳି ପଣ୍ଡା, ଥାନାଧିକାରୀ ଗେଲି କୁମାରୀ ସାହୁଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ବୋଲି ଜିପିଓ ସୋନମ୍ ବେହେରା ସୂଚନା ଦେଇଛନ୍ତି।

# ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ରଥ ନିର୍ମାଣ

ପାରଳାଖେମୁଣ୍ଡି,୨୦।୬(ଡି.ଏନ୍.ଏ.)

ଆଉ ଦିନ କେଇଟା ପରେ ରଥଯାତ୍ରା। ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ରଥ ନିର୍ମାଣ କାର୍ଯ୍ୟ। ପାରଳାଖେମୁଣ୍ଡି ରାଜଦାଣ୍ଡରେ ପ୍ରସ୍ତୁତ ହେଉଛି ତିନି ରଥ। କାର୍ଯ୍ୟରେ ନିୟୋଜିତ ଅଛନ୍ତି ୫୦ରୁ ଉର୍ଦ୍ଧ୍ୱ ମହାରଣା ଓ ଚିତ୍ରଶିଳ୍ପୀ। କରୋନା କଟକଣା ଉଠିବା ପରେ ଜଗନ୍ନାଥଙ୍କ ରଥଯାତ୍ରା ଅନୁଷ୍ଠିତ ହେଉଥିବାରୁ ଭକ୍ତ ଓ କାରିଗର ମଧରେ ବେଶ ଉତ୍ସାହ ଓ ଆଗ୍ରହ ଦେଖିବାକୁ ମିଳିଛି। କରୋନା ଯୋଗୁ ଗତ ଦୁଇ ବର୍ଷ ହେଲା ରଥଯାତ୍ରା ବନ୍ଦ ଥିଲା, ଚଳିତ ବର୍ଷ ପାରଳାଖେମୁଣ୍ଡିର ପୁଣି ରଥ ଯାତ୍ରା ହେବ। ଯାହାକୁ ନେଇ ଏବେ ଚଳଚଞ୍ଚଳ ରାଜଦାଣ୍ଡ। ରାଜଦାଣ୍ଡରେ ହଜାର ହଜାର ଭକ୍ତଙ୍କ ଗହଣରେ ଦର୍ଶନ ଦେବେ ଜଗତର ନାଥ ଜଗନ୍ନାଥ। ପୁରୀ ପରେ ପାରଳାଖେମୁଣ୍ଡି ରଥଯାତ୍ରାର ସ୍ୱତନ୍ତ୍ର ସ୍ଥାନ ରହିଛି । ଏଠାରେ ଗଜପତି ରାଜପରିବାର ଛେରାପହଁରା ଦେବ କାର୍ଯ୍ୟ ତୁଲାଇ ଥାନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ଘୋଷ ଯାତ୍ରାରେ ହଜାର ହଜାର ଭକ୍ତଙ୍କ ଭାବାବେଗ ଜଡ଼ିତ ରହିଛି। ପ୍ରବଳ ଜନସମାଗମ ହେବ ସମ୍ଭାବନା ରହିଛି ଯାହାକୁ ଦୃଷ୍ଟିରେ ରଖୀ, ଜିଲ୍ଲା ପ୍ରଶାସନ ପକ୍ଷରୁ ରଥଯାତ୍ରା ଆୟୋଜନ ସଂକ୍ରାନ୍ତୀୟ ସମସ୍ତ ସୁବିଧା ସହଯୋଗ ଯୋଗାଇ ଦିଆଯାଉଛି। ରଥ ନିର୍ମାଣ ପାଇଁ ଆବଶ୍ୟକ କାଠ ଯୋଗାଇ ଦିଆଯିବା ସହ ଜଗନ୍ନାଥ ମନ୍ଦିରଠାରୁ ଗୁଣ୍ଡିଚା ବାଡି ପର୍ଯ୍ୟନ୍ତ ସମସ୍ତ ଅବରୋଧ ହଟାଇଛି ପ୍ରଶାସନ। ଏହି ସମୟରେ ବିଭିନ୍ନ ମେଳା ଓ ମିନାବଜାର ତଥା ବହୁ ଅସ୍ଥାୟୀ ଦୋକାନ ଜଗନ୍ନାଥ ମନ୍ଦିର ଠାରୁ ଗୁଣ୍ଡିଚା ମନ୍ଦିର ପରିସରରେ ଅନୁଷ୍ଠିତ ହେବ। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ନିୟନ୍ତ୍ରଣ କରିବା ନେଇ ପୂର୍ବ ପ୍ରସ୍ତୁତି ଆରମ୍ଭ କରିଛି ଜିଲା ପ୍ରଶାସନ। ବର୍ତ୍ତମାନ ପର୍ଯ୍ୟନ୍ତ ୭୦ଭାଗ କାର୍ଯ୍ୟ ସରିଥିବା କହିଛନ୍ତି ଯାତ୍ରା କମିଟି ସଦସ୍ୟ।



ରଥ ନିର୍ମାଣ ଚାଲିଛି।

# କୃଷି ବିଜ୍ଞାନ କେନ୍ଦ୍ରରେ ବୈଜ୍ଞାନିକ ମରୁଡ଼ି

ଆର.ଉଦୟଗିରି,୨୦।୬(ଡି.ଏନ୍.ଏ.)

ଆର.ଉଦୟଗିରିଠାରେ ୨୦୦୫ରେ ଭାରତ ସରକାରଙ୍କ ଅନୁଦାନ ଏବଂ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନରେ କୃଷି ବିଜ୍ଞାନ କେନ୍ଦ୍ର ସ୍ଥାପିତ ହୋଇଛି। ଉଦ୍ଦେଶ୍ୟ ହେଲା, ଗଜପତି ଜିଲାର କୃଷି ଏବଂ କୃଷକର ଉନ୍ନତି ପାଇଁ ବୈଷୟିକ ପରାମର୍ଶ ପ୍ରଦାନ କରି ଚାଷୀଙ୍କ ଆୟ ବୃଦ୍ଧି କରିବା। କିନ୍ତୁ ବର୍ତ୍ତମାନ ଏହି କେନ୍ଦ୍ରରେ ଥିବା ଛଅ ଅନୁମୋଦିତ ପଦବୀ ଖାଲି ପଡ଼ିଥିବାରୁ ସମସ୍ତ ପ୍ରକାର ଗବେଷଣା, କ୍ଷେତ୍ର ପ୍ରଦର୍ଶନ ଓ ପ୍ରଶିକ୍ଷଣ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହି ଜିଲା ଏକ ଅନୁନ୍ନତ ଓ ଆଦିବାସୀବହୁଳ ଅଞ୍ଚଳ ହୋଇଥିବାରୁ କୃଷି ଓ କୃଷକର ଉନ୍ନତି ପାଇଁ ହେଉଥିବା ଯୋଜନା ଚାଷୀ ପାଖରେ ପହଞ୍ଚି ପାରୁନାହିଁ। ଯଦିଓ ଆମ ରାଜ୍ୟରେ ବହୁ ଉଚ୍ଚ ଶିକ୍ଷିତ ଯୁବତୀ ଯୁବକ ନିଯୁକ୍ତି ପାଇଁ




କୃଷି ବିଜ୍ଞାନ କେନ୍ଦ୍ର।

## ଖରାକୁ ଖାତିର ନାହିଁ

ଅପେକ୍ଷା କରିଛନ୍ତି, କିନ୍ତୁ ଏଥିପାଇଁ ଚୟନ ପ୍ରକ୍ରିୟା ଦୀର୍ଘଦିନ ଧରି ହେଉନଥିବାରୁ ଏହି ଅବ୍ୟବସ୍ଥା ଦେଖାଦେଇଛି। ଆର.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ୭ ବ୍ଲକର କୃଷକମାନେ ସୁବିଧା ପାଇପାରିବେ। ଏହି ବିଜ୍ଞାନ କେନ୍ଦ୍ରରେ କେନ୍ଦ୍ର ସରକାରଙ୍କ କୌଣସି କାର୍ଯ୍ୟକ୍ରମ କରିବାକୁ ଥିଲେ ବ୍ରହ୍ମପୁର ଓ ଗୁଣୁପୁରରୁ ବୈଜ୍ଞାନିକ ଆସି କାର୍ଯ୍ୟକ୍ରମ କରୁଥିବା ଦେଖିବାକୁ ମିଳୁଛି। ଏହି କେନ୍ଦ୍ରର ଅଫିସ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ କୋଠରିଗୁଡିକ ଫାଟି ଆଁ କରି ରହିଛି। କିଛି ଦିନ ତଳେ ବ୍ଲକ ଦ୍ୱାରା ଗୃହକୁ ମରାମତି କରାଯାଇଥିଲା। କାମ ସରିବା କିଛି ଦିନ ପରେ ପୂର୍ବ କାନ୍ଥଗୁଡିକ ଆଁ କରି ରହିଛି। ଏହି ବିଭାଗ କର୍ମଚାରୀଙ୍କ ରହିବାକୁ ଘର ସୁବିଧା ନ ଥିବାରୁ କିଛି ଭଡ଼ାରେ ରହୁଥିବା ବେଳେ ଆଉ କିଛି ଘର ଭଡ଼ା ନ ମିଳିବାରୁ ଅଫିସ ଘରେ ରହିଆସୁଛନ୍ତି। ଏହି ବିଷୟ ନେଇ ଆର.ଉଦୟଗିରି କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ସଂଗ୍ରାମ ପରମ ଗୁରୁଙ୍କ ସହ ଯୋଗାଯୋଗ କରିବାକୁ ଚାହିଁଥିଲୁ। ଅଫିସ କାମରେ ସେ ଭୁବନେଶ୍ୱରରେ ଥିବା ଯୋଗୁ ଯୋଗାଯୋଗ ହୋଇ ପାରିନଥିଲା। ତେଣୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେବାକୁ ସ୍ଥାନୀୟ କୃଷକ ସଙ୍ଗଠନ ଦାବି କରିଛନ୍ତି।